# ଲାୟନ୍ସ କ୍ଲବ୍ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା



**ଜଳେଶ୍ୱର,୧୩।୧(ସମିସ):** ରାଷ୍ଟ୍ରୀୟ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଜଳେଶ୍ୱର ଲାଇନ୍ସ କ୍ଲବ ଦ୍ୱାରା ଓ ସ୍ଥାନୀୟ ପୁଲିସ୍ ସହଯୋଗରେ ମଙ୍ଗଳବାର ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମଙ୍ଗଳବାର ବଡ଼ ବଜାର ଠାରେ କ୍ଲବ କର୍ମକର୍ତ୍ତା ଓ ପୁଲିସ ବାହିନୀ ମିଳିତ ଭାବେ ଚାଳକ ମାନଙ୍କୁ, ହେଲମେଟ ବ୍ୟବହାର ଓ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଜଳେଶ୍ୱର ଏସଡିପିଓ ସୁବ୍ରତ ବେହେରା, ଆଇଆଇସି ଆଶୋକ ବାରିକ୍ ଓ ବହୁ ପୁଲିସ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କ୍ଲବ୍ ପରିଚାଳକ ଅମଲ ମଣ୍ଡଳ, ଲାୟନ୍ସ କ୍ଲବ୍ ସଭାପତି ପ୍ରଶାନ୍ତ ପ୍ରଧାନ, ସମ୍ପାଦକ ସେକ୍ ସବିର, ବିଷ୍ଣୁପଦ ମହାନ୍ତି, ବିବେକ ଜୈନ, ଯୋଗେଶ ରାଠି, ବିନୋଦ ସାହୁ, ଗିରିଜା ଶଙ୍କର ଦାସ, ଦିପେନ୍ଦୁ କର, ସମୀର ନନ୍ଦୀ, ମୁନେସ ଅଗ୍ରୱାଲ, ସେକ ସୈଫୁଦ୍ଦିନ୍, ଭବେଶ ଠକ୍କର, ଶିବାନୀ ଶଙ୍କର ସ୍ୱାଇଁ, ମନୋଜ ଗୁପ୍ତା, ଦେବାଶିଷ ଚୌଧୁରୀ, ଗୌତମ ପ୍ରଧାନ, କପିଳେଶ୍ୱର ମହାନ୍ତି, ଦୁର୍ଗାପ୍ରସାଦ ଖଣ୍ଡେଲୱାଲ, ରବି ନାରାୟଣ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଦୁଇଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଜଳେଶ୍ୱର ବ୍ଲକ, ୧୩।୧ (ସମିସ):** ଜଳେଶ୍ୱର ପଞ୍ଚାୟତ ସମିତି ଅଧିନ ସର୍ଦ୍ଦାରବନ୍ଧ ଗ୍ରାମ ପଞ୍ଚାୟତର ପଳାସବଣୀ ଗ୍ରାମରେ ବିର୍ସାମୁଣ୍ଡା ୟୁଥ୍ କ୍ଲବ୍ ପକ୍ଷରୁ ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଯୁବ ନେତା ନିହାର ରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଉପସ୍ଥିତ ରହିଥିଲେ ଲକ୍ଷ୍ମଣ ହେମରମ, ଇନ ମାନୁଏଲ ସିଂ । ଆଜିର ପ୍ରଥମ ମ୍ୟାଚରେ ଏମ୍ ଏସ ପ୍ଲେଇଂ ଘୁଣ୍ଟବଣୀ ଓ ୟଙ୍ଗ ଷ୍ଟାର ରାଉତରାପୁର ମଧ୍ୟରେ ଖେଳ ହୋଇଥିଲା।

## ମିଲରଙ୍କ ମନମାନି

# ମଣ୍ଡିରୁ ଧାନ ନ ନେଇ ଫେରିଗଲେ

**କାଳିପଦା, ୧୩।୧ (ସମିସ)**

ମିଲରମାନଙ୍କ ମନମାନୀରେ ଚାଲିଛି ମଣ୍ଡିରୁ ଧାନ ସଂଗ୍ରହ। ତେବେ ଏକ୍ୟୁମାନର ଧାନ ନଥିବା ତଥା ପ୍ରତି କ୍ୱିଣ୍ଟାଲ ପ୍ରତି ୮ରୁ ୯ କିଲୋ ଧାନ କାଟିବାକୁ ନେଇ ଚାଷୀ ମନା କରିବାରୁ ଚାଷୀଙ୍କ ଧାନ ନ ନେଇ ମିଲର୍ ଗାଡି ଫେରାଇ ନେଇଯିବାକୁ ନେଇ ବାଲିଆପାଳରେ ଚର୍ଚ୍ଚା ଜୋର୍ ଧରିଛି। ବାଲିଆପାଳ ବ୍ଲକ ଗୋବିନ୍ଦପୁର ସେବା ସମବାୟ ସମିତିର ଚାଷୀଙ୍କ ଠାରୁ ସୋର ଅଞ୍ଚଳର ପୂଜା ରାଇସ୍ ମିଲ୍ ଧାନ ସଂଗ୍ରହ ପାଇଁ ଆସିଥିଲା। ଚାଷୀ ମାନେ ନିଜ ନିଜର ଧାନ ଟ୍ରାକ୍ଟର ତଥା ଭୁଟଭୁଟି ରିକ୍ସାରେ ଧାନମଣ୍ଡିକୁ ଆଣିଥିଲେ। ତେବେ ପୂଜା ରାଇସ୍ ମିଲ୍ ର କର୍ମଚାରୀ ଧାନର ମାନ ଠିକ୍ ନଥିବା ତଥା ପ୍ରତି କ୍ୱିଣ୍ଟାଲରୁ ୯ କିଲୋ ପର୍ଯ୍ୟନ୍ତ ଧାନ କାଟିବାକୁ ଚାଷୀଙ୍କୁ କହିଥିଲେ। ତେବେ ଚାଷୀ ଏତେ ଧାନ ନ କାଟି ପାଞ୍ଚ କିଲୋ ଲେଖାଏଁ କାଟିବାକୁ ରାଜିଥିଲେ। ତେବେ ଚାଷୀଙ୍କୁ ମିଲର୍ ୯ କିଲୋ ତଳକୁ କାଟିବେନି ବୋଲି କହିବା ସହ ଧାନ ନନେଇ ଗାଡି ଫେରାଇ ନେବାର ଦେଖିବାକୁ ମିଳିଛି। ତେବେ ମିଲର୍‌ଙ୍କ ଏପରି ମନମାନୀ ଫଳରେ ଧାନ ବିକ୍ରୀ କରିବାର ଆଶାନେଇ ଘରୁ ଖର୍ଚ୍ଚାନ୍ତ ହୋଇ ଧାନ ବସ୍ତା ଆଣିଥିବା ଚାଷୀ ନିରାଶ ହେବା ସହ ମିଲର୍‌ଙ୍କ ଏପରି ମନମାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କ ଠାରେ ନିବେଦନ କରିଛନ୍ତି। ଖୁବ୍ ଶୀଘ୍ର ଚାଷୀଙ୍କ ଧାନ ଗୋବିନ୍ଦପୁର ମଣ୍ଡିରୁ ଉଠାଇବା ପାଇଁ ସରକାରଙ୍କଠାରେ ନିବେଦନ କରିଛନ୍ତି।



# ଗୌର ରାଧାକ୍ରୀଷ୍ଣ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

**ଖଇରା,୧୩।୧ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ପାଣିସାଉଁଳିସ୍ଥିତ ଶ୍ରୀ ଗୌର ରାଧାକ୍ରୀଷ୍ଣ ଶିକ୍ଷାକେନ୍ଦ୍ରର ୧୫ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ବାର୍ଷିକ ଉତ୍ସବରେ ଆକର୍ଷଣୀୟ କାର୍ଯ୍ୟକ୍ରମ ଭାବେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ନାଟକ ଶ୍ରୀ ଚୈତନ୍ୟର ପ୍ରତ୍ୟେକଟି ଦୃଶ୍ୟ ମନରେ ସାଇତି ରଖିବା ଭଳି ଥିଲା। ତ୍ରୀଦଣ୍ଡୀ ସ୍ୱାମୀ ବିଷ୍ଣୁପାଦ ଶ୍ରୀଲ ଭକ୍ତିବନ୍ଧୁ ମହାରାଜ ଉତ୍ସବକୁ ଉଦଘାଟନ କରିଥିଲେ। ପ୍ରାରମ୍ଭରେ ଶରତ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବିଇଓ ନାରାୟଣ ଦାସ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅଭୟ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶିକ୍ଷକ ହେମନ୍ତ କୁମାର ଶଙ୍ଖୁଆ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନାଚାର୍ଯ୍ୟା ଗୀତାଞ୍ଜଳୀ,ମୁଖ୍ୟ ଅଧିକାରିଣୀ ବାସନ୍ତିଲତା ରାଉତଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ପିଏମ୍‌ଶ୍ରୀ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଜଳେଶ୍ୱର, ୧୩।୧ (ସମିସ) :** ପିଏମ୍‌ଶ୍ରୀ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ଜେନାଙ୍କ ପୌରହିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱନୀ ପାତ୍ର ଓ ମୁଖ୍ୟବକ୍ତା ଭାବେ ଏଲଆଇସି ମୁଖ୍ୟ ପରିଚାଳକ ଦିଲ୍ଲୀପ ବିହାରୀ ଯୋଗଦେଇ ପ୍ରକୃତ ଶିକ୍ଷା ଦ୍ୱାରା ସମର୍ପଣଭାବ ସୃଷ୍ଟି କରିଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗରପାଳ ପ୍ରତୀପ କୁମାର ପ୍ରଧାନ, ନବକୁମାର ଦାସ, ଡ. ଈଶ୍ୱରଚନ୍ଦ୍ର ଜେନା, ସୁଦର୍ଶନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଭୂୟାଁ, ଗିରୀଶ କୁମାର ପାଣିଗ୍ରାହୀ, ଏସ୍‌ଏମ୍‌ସି ସଭାପତି ଜୟନାରାୟଣ ଦାସ, ସିଆର୍‌ସି ଅଜିତ୍ ପାତ୍ର ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଥିଲେ। ରାଧାଗୋବିନ୍ଦ ଜେନା ଓ ତେଜସ୍ୱିନୀ ବାରିକ ମଂଚ ଆହ୍ୱାନ କରିଥିଲେ। ସୂର୍ଯ୍ୟକାନ୍ତ ଜେନା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ରାଜେନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରଣବ ଦାସ, ନିତ୍ୟ ନାରାୟଣ ଜେନା, ନିମାଇଁ ନାୟକ, ମମତା ଜେନା, ତେଜସ୍ୱିନୀ ବାରିକ, ସରୋଜ ସାସମଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜଳେଶ୍ୱର ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜଳେଶ୍ୱର, ୧୩।୧ (ସମିସ) :** ଜଳେଶ୍ୱର ମହିଳା ମହାବିଦ୍ୟାଳୟର ୪୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଜଳେଶ୍ୱର ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୟାନିଧି ପ୍ରଧାନ ପୌରହିତ୍ୱ କରି ସୂଚନା ଓ ଆଭିମୁଖ୍ୟ ସଂପର୍କରେ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଭାବେ ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଯୋଗଦେଇ ଶିକ୍ଷା ସୂକ୍ଷ୍ମ ତତ୍ତ୍ୱକୁ ବିଶ୍ଳେଷଣ କରୁଥିବା ବେଳେ ଶିକ୍ଷାନୀତିରେ ଗୁଣବତ୍ତା ନ ରହିଲେ ସାମାଜିକ ବିକାଶ ଅସମ୍ଭବ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ କମଳାକାନ୍ତ ଚନ୍ଦ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଡିଗ୍ରୀ କଲେଜ ଅଧ୍ୟକ୍ଷ ବାର୍ଷିକ ବିବରଣୀ ପାଠ କରି ୧୨ଶହ ଛାତ୍ରୀଙ୍କୁ ପାଠପଢା ସହିତ ନୈତିକ ଶିକ୍ଷା ପ୍ରଦାନ କରାଯାଉଥିବା ସଂପର୍କରେ ସୂଚନା ଦେଇଥିଲେ। ଅଧ୍ୟାପିକା ସୁସ୍ମିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନମଣ୍ଡି ଖୋଲିଲା

**ଜଳେଶ୍ୱର, ୧୩।୧ (ସମିସ):** ଜଳେଶ୍ୱର ବ୍ଲକ୍ ନଣ୍ଟିମପୁର ପଞ୍ଚାୟତ ସ୍ଥିତ ଆମ୍ବିଳଅଠା ସେବା ସମବାୟ ସମିତି ପକ୍ଷରୁ ମଙ୍ଗଳବାର ଧାନମଣ୍ଡି ଖୋଲିଛି। ଚଳିତ ୨୦୨୫/୨୬ ବର୍ଷ ଖରିଫ ଧାନ ବିକ୍ରି କରିବା ପାଇଁ ସମିତିରେ ୫୨୧ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଏ ବର୍ଷ ପ୍ରଥମ ପର୍ଯ୍ୟାୟରେ ଦୁଇ ହଜାର କୁଇଣ୍ଟାଲ ଧାନ କିଣାଯିବାକୁ ଟାର୍ଗେଟ ରହିଛି। ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଜେପି ନେତା ବ୍ରଜମୋହନ ପ୍ରଧାନ ପୂଜାର୍ଚ୍ଚନା କରି ଶ୍ରୀଫଳ ଫଟାଇ ବିଧିବଦ୍ଧ ଭାବେ ମଣ୍ଡିକୁ ଉଦଘାଟନ କରିବା ସହିତ ଚାଷୀଙ୍କ ଠାରୁ ସୁରୁଖୁରୁରେ ଧାନ ନେବା ପାଇଁ ପରାମର୍ଶ ଦେଇଥିଲେ। ଆଜି ପ୍ରଥମ ଦିନରେ ୭ ଚାଷୀଙ୍କ ଠାରୁ ୨୧୮ କୁଇଣ୍ଟାଲ ଧାନ କିଣାଯିବା ସମିତିର ସମ୍ପାଦକ ଦେବାଶିଷ ପାତ୍ର ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ରାଜେଶ ଜେନା, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ପରିଡ଼ା, ଅମର ପାତ୍ର, ସମିତିର ସଭାପତି ସ୍ୱରୂପ ନନ୍ଦୀ, ସହସମ୍ପାଦକ ବାସୁଦେବ କର, ମଣ୍ଡି ନୋଡାଲ ଅଫିସର ରବୀନ୍ଦ୍ର ସିଂ, ଭିଏଲଡବ୍ଲୁ ଗୋବିନ୍ଦ ମାଝୀ, ଚାଷୀ କମିଟିର ସଦସ୍ୟ ହରିନାରାୟଣ ସେନାପତି, ସଦସ୍ୟ ଗୋପାଳ ଚନ୍ଦ୍ର ଜେନା, ସନ୍ତୋଷ କର, ଅସିତ ନନ୍ଦୀ, ସୂର୍ଯ୍ୟ ଜେନା, ପ୍ରତାପ ଜେନା, ରାମେଶ୍ୱର ରାଜ ସହିତ ଧାନକ୍ରୟ କମିଟିର ସମସ୍ତ ସଦସ୍ୟ ଓ ଚାଷୀମାନେ ଉପସ୍ଥିତ ଥିଲେ।

## ନଦୀଗାଁ ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

**ସୋର, ୧୩।୧ (ସମିସ):** ସୋର ବ୍ଲକ ନଦୀଗାଁ ସେବା ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ସମବାୟ ସମିତି ସଭାପତି ତଥା ସରସଙ୍କ ପଞ୍ଚାୟତର ସରପଞ୍ଚ କରୁଣାକର ଖୁଣ୍ଟିଆ, ସମିତି ସଂପାଦକ ପ୍ରିୟକାନ୍ତ ଦାସ, ୪୪ ନଂ ଜିଲ୍ଲା ପରିଷଦ ସଦସ୍ୟ ଜୟନ୍ତ ସ୍ୱାଇଁ, ନିଶ୍ଚିନ୍ତପୁର ପଞ୍ଚାୟତର ସରପଞ୍ଚ ସୌମେନ୍ଦ୍ରନାଥ ଦାଶମହାପାତ୍ର, ସମିତି ସଭ୍ୟ ପ୍ରଶାନ୍ତ ସାହୁ ଏବଂ ସମିତିର ସମସ୍ତ କର୍ମଚାରୀ, ମଣ୍ଡି ନୋଡାଲ ଅଫିସର୍ ତଥା କୁଡେଇ ରାଜସ୍ୱ ନିରୀକ୍ଷକ ଡଲି ସେଠୀ, ଆର୍ ଏସ୍ ସି କର୍ମଚାରୀ ଆଶିଷ କୁମାର ଧଳ ଙ୍କ ଉପସ୍ଥିତିରେ ଧାନମଣ୍ଡି ଉଦଘାଟିତ ହୋଇଥିଲା। ପ୍ରଥମ ଦିନରେ ଏହି ଅଞ୍ଚଳ ର ଚାଷୀ ଯଦୁନାଥ ମଲିକ, ଈଶ୍ୱର ଦାସ, ମହେନ୍ଦ୍ର ଜେନା ଏବଂ ବାସୁଦେବ ଜେନାଙ୍କ ଠାରୁ ୨୦୪ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଉକ୍ତ ସମବାୟ ସମିତିରୁ ସରକାରଙ୍କ କ୍ରମେ ମାର୍କୋଣା ସ୍ଥିତ ବାସୁଦେବ ରାଇସ୍ ମିଲ୍ ଓ ଜାମୁଝାଡି ଅସ୍ତିଆର ଅଂଶୁମାନ ରାଇସ୍ ମିଲ୍ ଧାନ କ୍ରୟ କରିବା ନିର୍ଦ୍ଧାରିତ ହୋଇଛି।

# ଶ୍ରୀରାମ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ବାର୍ଷିକ ଉତ୍ସବ ଉଦ୍‌ଯାପିତ



**ସୋର, ୧୩।୧ (ସମିସ):** ସୋରଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ରେଳ ଓଭରବ୍ରିଜ ନିକଟରେ ଗଢି ଉଠିଥିବା ଶ୍ରୀରାମ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ୧୨ ତମ ବାର୍ଷିକ ଉତ୍ସବ ଶ୍ରୀ ଫେଷ୍ଟ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ ଇଂ. ଇନ୍ଦ୍ରଜିତ କୁମାର ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ପ୍ରଶାନ୍ତ ଦାସ ଉପଯୁକ୍ତ ଶିକ୍ଷା, ଜ୍ଞାନ, ଅନୁସନ୍ଧାନ ଏବଂ ଉପଯୁକ୍ତ ଜିଜ୍ଞାସା ଛାତ୍ର ଜୀବନର ମୂଳ ଲକ୍ଷ୍ୟ ହେବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଇନଷ୍ଟିଚ୍ୟୁସନର ଯୁକ୍ତ ଦୁଇ ଅଧ୍ୟକ୍ଷ ଅରୁଣ କୁମାର ମହାନ୍ତି ଯୋଗଦେଇ ଦୃଢ଼ ମନୋବଳ, ଅଧ୍ୟବସାୟ, ସମୟାନୁବର୍ତ୍ତିତା ଏବଂ ଶୃଙ୍ଖଳା ରହିଲେ ସଫଳତା ମିଳିଥାଏ ବୋଲି କହିଥିଲେ। ଅନୁଷ୍ଠାନର ଯୁକ୍ତ ତିନ ଅଧ୍ୟକ୍ଷ ଡ଼. ଜନ୍ମେଜୟ ପଟ୍ଟନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଚେୟାରମ୍ୟାନ ତ୍ରିଦିବ ବେହେରା ଯୋଗଦେଇ ପିଲାମାନଙ୍କୁ ଉପଯୋଗୀ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ପିଲାମାନେ ପାଠ ପଢିବା ସହିତ ଅଭିଭାବକମାନେ ପିଲାମାନଙ୍କୁ ନୈତିକ ଶିକ୍ଷା ଦେବା ଉଚିତ ବୋଲି କହିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ଅଧ୍ୟାପିକା ସୁପ୍ରଭା ପରିଡା ଅତିଥି ପରିଚୟ ପ୍ରଦାନ ସହିତ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ଓଡ଼ିଆ ଅଧ୍ୟାପିକା ତପସ୍ୱିନୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମଣିପାଟଣା ସଡ଼କ ପାର୍ଶ୍ୱ ଆଲୋକୀକରଣ



**ଜଳେଶ୍ୱର,୧୩।୧(ସମିସ):** ଗ୍ରୀନ ଫିଲ୍ଡ ଯୋଜନା ମାଧ୍ୟମରେ ୱାର୍ଡ ନମ୍ବର ୧୬ ଅଲାଲପୁର ପଦ୍ମପୋଖରୀ ଠାରୁ ମଣିପାଟଣା ଗ୍ରାମ ପର୍ଯ୍ୟନ୍ତ ନବ ନିର୍ମିତ ରାସ୍ତାର ଉଭୟ ପାର୍ଶ୍ୱରେ ଲାଗିଥିବା ୭୩ଟି ଲାଇଟ ଏବଂ ୱାର୍ଡ ନମ୍ବର ୧୭ ଚକବିଷ୍ଣୁ, ତେନ୍ତୁଳି ଗଡିଆ ଠାରୁ ଆରଡ଼ି ନମ୍ପୋ ରୋଡ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ୧୭ଟି ନୂଆ ଲାଇଟ୍ ପୋଷ୍ଟ ମାଧ୍ୟମରେ ଆଲୋକୀକରଣ କାର୍ଯ୍ୟକ୍ରମ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଉଦଘାଟନ କରିଥିଲେ। ଏହା ଦ୍ୱାରା ମଣିପାଟଣା ଗ୍ରାମବାସୀ ଏବଂ ଚକବିଷ୍ଣୁ ଗ୍ରାମବାସୀଙ୍କର ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଛି। ନଗରପାଳ ପ୍ରତୀପ କୁମାର ପ୍ରଧାନ, ଉପ ନଗରପାଳଙ୍କ ପ୍ରତିନିଧି ବିଜୟ କାମିଲା, ବିଧାୟକ ପ୍ରତିନିଧି ସତ୍ୟରଞ୍ଜନ ଦାସ ମହାପାତ୍ର, ଜିଲ୍ଲା ପରିଷଦ ଉପସଭାପତି ଅନୁସୟା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ସଞ୍ଚିତା ସେନାପତି, ଲେଲିନ୍ ପ୍ରଧାନ, ଯୁବନେତା ଆନନ୍ଦ କର, କାଉନସିଲର ଶେଖ୍ ସୈଫୁଦ୍ଦିନ, ସୁରଜ ଚୌରାସିଆ, ଲକ୍ଷ୍ମଣ ସରେନ୍, ମିର୍ ଆବାସ ଅଲ୍ଲୀ, ସତ୍ୟବତୀ ଗିରୀ, ରଶ୍ମି ନନ୍ଦୀ କାଉନସିଲର ପ୍ରତିନିଧି ସଞ୍ଜୀବ ପାଲ, ଜଗଦୀଶ ନନ୍ଦୀ ସମରେନ୍ଦ୍ର ପରିଡ଼ା, ଯୁବନେତା ରାଜେଶ ଦେ (ବାବଲି) ରାଜେଶ ଗିରି, ରବୀନ୍ଦ୍ର ସାମଲ, ଅଜୟ ପ୍ରଧାନ ଏବଂ ସ୍ଥାନୀୟ ଶିକ୍ଷାବିତ୍ ଓ ଗ୍ରାମବାସୀ ବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଦୀନକୃଷ୍ଣ ମହାବିଦ୍ୟାଳୟ ୧୯୮୨ ବ୍ୟାଚ୍ ବନ୍ଧୁମିଳନ

**ଜଳେଶ୍ୱର, ୧୩।୧(ସମିସ):** ଦୀନକୃଷ୍ଣ ମହାବିଦ୍ୟାଳୟର ୧୯୮୨ ବ୍ୟାଚର ଚତୁର୍ଥ ବନ୍ଧୁମିଳନ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସର ଗ୍ରହଣ କରିଥିବା ପ୍ରାକ୍ତନ ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ଚରଣ ପାତ୍ର, ପ୍ରଫୁଲ୍ଲ କୁମାର ପାଠୀ, ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, କମଳାକାନ୍ତ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏପରି ପ୍ରୟାସକୁ ପ୍ରଶଂସା କରି ଅତୀତ ଦିନର ସ୍ମୃତିଚାରଣ କରିଥିଲେ। ଦୀନକୃଷ୍ଣ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ କୁମାର ଦାସ ବିଶେଷ ଅତିଥି ଭାବେ ଯୋଗ ଦେଇ ମହାବିଦ୍ୟାଳୟର ସାମଗ୍ରିକ ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀଙ୍କ ସହଯୋଗ କାମନା କରିଥିଲେ। ବନ୍ଧୁ ମିଳନ ଅବସରରେ ମୁଖପତ୍ର 'ସ୍ମୃତି ଶାମୁକା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉତ୍ସବରେ ପ୍ରାୟ ଏକ ଶହରୁ ଅଧିକ ସହପାଠୀ ଓ ସହପାଠିନୀ ଏକତ୍ରିତ ହୋଇ ସ୍ମୃତି ସାଉଁଟି ଖୁସି ବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ପ୍ରଥମ ଅଧ୍ୟକ୍ଷ ଚିତ୍ତରଞ୍ଜନ ସାହୁ ଓ ସୀତାକାନ୍ତ ପାଣିଗ୍ରାହୀଙ୍କ ଅବର୍ତ୍ତମାନରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।






























## ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ

ବାଲେଶ୍ୱର,୧୩।୧(ସମିସ): ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଉତ୍ସବ ବାଲିଆ ସ୍ଥିତ ଉଠା ଜଳସେଚନ ବିଭାଗ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଉଠା ଜଳସେଚନ ନିଗମର ନିର୍ବାହୀଯନ୍ତ୍ରୀ ତିରିଶ ଚନ୍ଦ୍ର ମୁଣ୍ଡା ସଭାପତି ଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ପାଣି ପରିଚାଳନା ଓ କୃଷି ବିକାଶରେ ପାଣି ପଞ୍ଚାୟତର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବାଲେଶ୍ୱର ସୁଧାକର ନାୟକ, ଗିରିଶ କୁମାର ଦତ୍ତ ଓ କାର୍ତ୍ତିକ କୁମାର ଗିରି ଯୋଗ ଦେଇଥିଲେ। ଉତ୍ସବରେ ଚାଷୀମାନଙ୍କୁ ସହକାରୀ ଯନ୍ତ୍ରୀ ଇଂ. ବେଣୁଧର ଦାସଙ୍କ ଦ୍ୱାରା ଶପଥ ପାଠ କରାଯାଇଥିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସ୍ଲୋଗାନ ପଠନ କରାଯାଇଥିଲା। ଉଠା ଜଳସେଚନ, କ୍ଷୁଦ୍ର ଜଳସେଚନ, କୃଷି, ଉଦ୍ୟାନ, ମତ୍ସ୍ୟ, କୃଷି ଶିଳ୍ପ ନିଗମ ଓ ପ୍ରାଣୀଧନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର କାର୍ଯ୍ୟକ୍ରମ ଓ ସେବା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ମଞ୍ଚ ସଂଚାଳନ ଇଂ. ରାମ ନାରାୟଣ ମହାନ୍ତି କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଇଂ. ସୁରେଶ ଚନ୍ଦ୍ର ଦେବ, ନିର୍ବାହୀ ଯନ୍ତ୍ରୀ, ଉଠାଜଳସେଚନ, ଜଳେଶ୍ୱର। ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ସଫଳ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୪୦୦ ଜଣ ଚାଷୀ ଯୋଗ ଦେଇଥିଲେ। ଏଥିମଧ୍ୟରୁ ଜଣେ ଚାଷୀଙ୍କୁ ଆସନ୍ତା ୨୦ ରେ ହେବାକୁ ଥିବା ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଉତ୍ସବ ପାଇଁ ଚୟନ କରାଯାଇଛି।

## ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ବାଲେଶ୍ୱର,୧୩।୧(ସମିସ): କଳିଙ୍ଗନଗରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଷ୍ଟାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ପ୍ରଫେସର ଅନନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ କବି କାଳୀପଦ ପଣ୍ଡା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣଚନ୍ଦ୍ର ପ୍ରଧାନ,ମେଡିକାଲ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡା, ଅଜିତ କୁମାର ବରାଳ ପ୍ରମୁଖ ଅତିଥି ଓ ବକ୍ତା ଭାବେ ଯୋଗଦେଇ ଶିକ୍ଷାନୁଷ୍ଠାନକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ମୁରଲୀଧର ସାହୁ, ଉପାଧ୍ୟକ୍ଷା ଅଞ୍ଜୁଲତା ପଣ୍ଡା, ସମ୍ପାଦକ ବିଶ୍ୱନାଥ ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ କୃତିତ୍ୱ ଓ ଅଭିଭାବକମାନଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ଅନ୍ୟତମ ଅତିଥି ଭାବେ ଡେପୁଟି କଲେକ୍ଟର ଅସ୍ମିତା ଦାସ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ରଶ୍ମିରଞ୍ଜନ ବେଉରିଆ, ପ୍ରଭାତଚନ୍ଦ୍ର ଦାସ, ହରିମୋହନ ମଲ୍ଲିକ, କାହ୍ନୁଚରଣ ଦାଶ, ଜିଲ୍ଲା ସଙ୍ଗଠକ ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ଅଘଟଣ ଘଟାଉଛି ମାଞ୍ଜା ସୂତା

ବାଲେଶ୍ୱର,୧୩।୧(ସମିସ)



ମକର ଆସିଲେ ସହରଠୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ ଗୁଡ଼ି ଉଡେଇବାକୁ ସମସ୍ତେ ପସନ୍ଦ କରିଥାନ୍ତି। ବିଗତ ଦିନମାନଙ୍କରେ ଗୁଡ଼ି ଉଡେଇବା ପାଇଁ ଦେଶୀ ସୂତା ବ୍ୟବହାର ହେଉଥିଲା। ମାତ୍ର କିଛି ବର୍ଷ ହେବ ଚାଇନା ନିର୍ମିତ ପ୍ଲାଷ୍ଟିକ ସୂତାର ବ୍ୟବହାର ବହୁଳ ମାତ୍ରାରେ ବଢ଼ିଯାଇଛି। ଫଳରେ ଗୁଡିରୁ କଟିଯାଇଥିବା ସୂତା ବାଇକ ଆରୋହୀଙ୍କ ପାଇଁ ମରଣଯନ୍ତା ସାଜିଛି। ଯାହା ଫଳରେ ନିକଟରେ ଗୁଡ଼ି ମାଞ୍ଜା ସୂତା ଯୋଗୁଁ ଦୁର୍ଘଟଣାର ଶିକାର ହୋଇ ଚିକିତ୍ସିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି କିଛି ସାମାଜିକ କର୍ମୀ ଆଜି ବାଲେଶ୍ୱର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ୟାର ଗୁରୁତ୍ୱକୁ ଉପଲବ୍ଧି କରି ପ୍ଲାଷ୍ଟିକ ମାଞ୍ଜା ସୂତାର ବ୍ୟବହାରକୁ ବାରଣ କରି ମ୍ୟୁନିସିପାଲଟି ଦ୍ୱାରା ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇଥିଲା। ମାତ୍ର ଖିଲାପକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଚେତାବନୀ କେବଳ ପ୍ରଚାରରେ ସୀମିତ ରହିଛି ବୋଲି ଅଭିଯୋଗ କରିଛନ୍ତି। ବଜାରରେ ଚାଇନା ସୂତା ଖୋଲାଖୋଲି ବିକ୍ରି ଓ ବ୍ୟବହାର ହେଉଛି। କାରଣ ଗତକାଲି ସକାଳେ ଖପରାପଦା ଅଞ୍ଚଳରେ ଶେଖ ସାହିଲ ବସଷ୍ଟାଣ୍ଡରୁ ଉଡ଼ନ୍ତାପୋଲ ଉପରେ ସହର ଭିତରକୁ ଆସୁଥିବା ସମୟରେ ମାଞ୍ଜାସୂତାରେ ଶିକାର ହୋଇ ହାତ ଏବଂ ବେକ କଟି ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସହରର କିଛି ସାମାଜିକ କର୍ମୀ ମ୍ୟୁନିସିପାଲିଟିରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ରଘୁନାଥ ଲେଙ୍କା, ଇକବଲ ଖାଁ, ଚିତ୍ତ ନାୟକ, ହିମାଂଶୁ ଦାସ, ଅବିନାଶ ଦାସ, ଅବଦୁଲ ଇଜରାଇଲ, ଶେଖ ଫିରୋଜ ପ୍ରମୁଖ ଉପସ୍ଥିତ ଥିଲେ।

**ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର**

## ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଆଲୋଚନାଚକ୍ର




ରେମୁଣା,୧୩/୧(ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ରେମୁଣା ବାଲେଶ୍ୱରରେ "ଦକ୍ଷତା ଆଧାରିତ ଶିକ୍ଷଣକୁ ସମୃଦ୍ଧ କରିବା ନିମିତ୍ତ ଅଭିନବ ଶିକ୍ଷାଦାନ ବ୍ୟବସ୍ଥା' ଶୀର୍ଷକ ତଥା ପ୍ରକଳ୍ପ ଆଧାରିତ ଶିକ୍ଷଣ ଓ ଉନ୍ନୀକୃତ ଶିକ୍ଷାଦାନ ପଦ୍ଧତି ନାମକ ଏକ ଦୁଇଦିନିଆ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରର ସହକାରୀ ନିର୍ଦ୍ଦେଶିକା ଡ. ସ୍ନେହପ୍ରଭା ମହାପାତ୍ର ଏବଂ ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରିଣୀ ପୂର୍ଣ୍ଣିମା ଦାସ ଉପସ୍ଥିତ ଥିଲେ। ଦ୍ୱିତୀୟ ଦିନରେ ଅନୁଷ୍ଠାନର ଅଧକ୍ଷା ଶ୍ରୀମତୀ ଜୟଶ୍ରୀ ବୋଷଙ୍କ ସଭାପତିତ୍ୱରେଅନୁଷ୍ଠିତ କାଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରିଣୀ ଡ଼. ବସନ୍ତ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଐଶ୍ୱର୍ଯ୍ୟା ମିଶ୍ର ଏବଂ ସାଇ ବର୍ଷା ଚୌଧୁରୀ ସଂକ୍ଷିପ୍ତ ବିବରଣୀ ପ୍ରସ୍ତୁତ କରିଥିଲେ। ଶୁଭଶ୍ରୀ ତନିମା ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ବୈଠକ

ବାଲେଶ୍ୱର,୧୩।୧(ସମିସ): ବାଲେଶ୍ୱର ଜିଲ୍ଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ବିଭିନ୍ନ ବର୍ଗଙ୍କୁ ନେଇ ଗଠିତ କ୍ରିୟାନୁଷ୍ଠାନ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଛି। ସମିତିର ସଭାପତି ଡ. କେଶବଚରଣ ପଣ୍ଡା ଏହି ବୈଠକରେ ଅଧ୍ୟକ୍ଷତା କରି ସମସ୍ତଙ୍କୁ ନବ ବର୍ଷ ପାଇଁ ଶୁଭେଚ୍ଛା ଜଣାଇଥିଲେ। ସାଧାରଣ ସମ୍ପାଦକ ଅଭୟ କୁମାର ମିଶ୍ର ଗତ ବୈଠକର ବିବରଣୀ ଓ ଗତ ବର୍ଷରେ ୧୦ଟି ବ୍ଲକରେ ଗଣଧାରଣା ଓ ସ୍ଥାନୀୟ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ଉଲ୍ଲେଖ କରିଥିଲେ। ଆସନ୍ତା ମାସରେ ବାହାନଗା ଓ ଔପଦା ବ୍ଲକ ସ୍ତରୀୟ ଗଣଧାରଣା ଦିଆଯିବ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ। ଆସନ୍ତା ବିଧାନସଭା ଅଧିବେସନ ପୂର୍ବରୁ ବାଲେଶ୍ୱର ଜିଲ୍ଲାର ସମସ୍ତ ବିଧାୟକମାନଙ୍କୁ ପ୍ରତିନିଧିମାନେ ସାକ୍ଷାତ କରି ଜିଲ୍ଲାବାସୀଙ୍କ ଦାବି ଉପରେ ବିଧାନସଭା ଅଧିବେସନ ସମୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ କରିବା ପାଇଁ ପ୍ରସ୍ତାବ ଗୃହିତ ହୋଇଛି। ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ ଓ କୃଷି ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଏକ ପ୍ରତିନିଧି ଦଳ ସାକ୍ଷାତ କରିବା ପାଇଁ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରିଶଚନ୍ଦ୍ର ଦାଶଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହାଛଡା କ୍ରିୟାନୁଷ୍ଠାନ କମିଟିର ତୃତୀୟ ଜିଲ୍ଲା ସମ୍ମିଳନୀ ଆସନ୍ତା ମାର୍ଚ୍ଚ ୧୫ତାରିଖରେ ଅନୁଷ୍ଠିତ ହେବା ସହ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯିବ। ଆଲୋଚନାରେ ନିରଞ୍ଜନ ପରିଡା, ତାରାକାନ୍ତ ନନ୍ଦ, ଲକ୍ଷ୍ମଣ ବିଶ୍ୱାଳ, କ୍ଷିତିଶ୍ୱର ଦାଶ, ହରନାରାୟଣ ମଢୁଆଳ, ନିରଞ୍ଜନ ପରିଡା, ମନୋଜ ବେହେରା, ସଚୀନ୍ଦ୍ର ଦାସ, ଶ୍ୟାମସୁନ୍ଦର ଜେନା, ପୁରୁଷୋତ୍ତମ ବେହେରା ଯୋଗଦେଇଥିଲେ।

## ବବୁଲ୍ କୁମାର କବି ପାଇବେ 'ଫକୀରମୋହନ ଗଳ୍ପ ପୁରସ୍କାର'

ବାଲେଶ୍ୱର,୧୩।୧(ସମିସ): ଫକୀରମୋହନ ସାହିତ୍ୟ ପରିଷଦ ତରଫରୁମର୍ଯ୍ୟାଦାଜନକ "ଫକୀରମୋହନ ଗଳ୍ପ ପୁରସ୍କାର' ପାଇବା ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା-ସାହିତ୍ୟ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ର ବବୁଲ କୁମାର କବି ମନୋନୀତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ସାହିତ୍ୟ ବିଶେଷତଃ ଗଳ୍ପ ଲିଖନ ପ୍ରତି ଆଗ୍ରହ ସୃଷ୍ଟି କରିବା ନିମନ୍ତେ ଗତବର୍ଷଠୁ ଈଶ୍ୱର ବିଷ୍ଣୁପ୍ରିୟା ସ୍ମୃତିରେ ଏହି ପୁରସ୍କାର ପ୍ରଦାନ କରାଯାଉଛି। ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଏହାର ଅନୁବନ୍ଧିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭାଗ ନେଇଥିବା ଏହି ପ୍ରତିଯୋଗିତାରେ ବବୁଲଙ୍କ ଲିଖିତ "ମନୋଜ ମାତିଛି' ଶ୍ରେଷ୍ଠ ଗଳ୍ପ ହିସାବରେ ମନୋନୀତ ହୋଇ ପୁରସ୍କାର ଲାଭ ସହ ନଗଦ ପାଞ୍ଚ ହଜାର ଟଙ୍କା ପୁରସ୍କାର ରାଶି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିସହିତ ଅନ୍ୟ ଦୁଇଟି ଗଳ୍ପର ସ୍ରଷ୍ଟା ଯୁଗ୍ମ ଦ୍ୱିତୀୟ ସ୍ଥାନ ଅଧିକାର କରି ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପାଇବା ପାଇଁ ମନୋନୀତ ହୋଇଛନ୍ତି। ଏହି ଦୁଇ ବିଜେତା ହେଲେ ବାଲେଶ୍ୱର ବି.ଏଡ୍ କଲେଜର ମନୋଜ ମଲିକ ଓ କମର୍ଦ୍ଦା ଡିଗ୍ରୀ କଲେଜର ସୁନୟନାଶ୍ରୀ ଦେ। ଏ ସମସ୍ତ କୃତି ପ୍ରତିଯୋଗୀଙ୍କୁ ଆଗାମୀ ୧୫ ତାରିଖ ଅନୁଷ୍ଠିତ ହେବାକୁ ଥିବା ଫକୀରମୋହନ ଜୟନ୍ତୀ ସମାରୋହରେ ଏହି ସ୍ୱତନ୍ତ୍ର ଦିବସକୁ ଆମନ୍ତ୍ରଣ କରାଯାଇଛି।



## ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୧୩।୧(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଡିଟୋରିୟମରେ ଠାରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ସଭାପତିତ୍ୱ କରିଥିଲେ। ସଭାରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ପୌରପାଳିକା ନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି, ଡ. ମଧୁସ୍ମିତା ସାମନ୍ତରାୟ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ବବର୍ଷର ବିବରଣୀ ପାଠ କରିଥିଲେ।

## ଚୋରା ପଥର ଚାଲାଣ, ୫ ହାଇୱା ଜବତ

ବାଲେଶ୍ୱର,୧୩।୧(ସମିସ): ଚୋରା ପଥର ଚାଲାଣ ହେଉଥିବା ୫ ହାଇୱା ଜବତ ହୋଇଛି। ଜିଲ୍ଲା ଖଣି ଅଧିକାରୀ ଦାୟିତ୍ୱରେ ଥିବା ପର୍ଶୁରାମ ଜେନାଙ୍କ ସୂଚନା ଅନୁସାରେ, ଏହି ପଥର ଗାଡି ନୀଳଗିରି ଏବଂ ସୋରରୁ ଆସି ବାହାରକୁ ଚୋରା ଚାଲାଣ କରିବାକୁ ଯାଉଥିଲା। ଖବର ପାଇ ସେମାନେ ଇଣ୍ଡିଆନ ପେଟ୍ରୋଲପମ୍ପ ନିକଟରେ ଏହି ଗାଡି ଗୁଡିକୁ ଅଟକାଇ ଯାଂଚ କରିଥିଲେ। ତେବେ ଖଣି ବିଭାଗ ପୁଲିସ ସହାୟତାରେ ଏହି ଗାଡି ଗୁଡିକୁ ପଥର ସହିତ ଜବତ କରି ବାଲେଶ୍ୱର ରିଜର୍ଭ ପୁଲିସ ଲାଇନ ପଡିଆକୁ ଆସିଥିଲା। ତେବେ ୫ଟି ଗାଡିକୁ ୧ଲକ୍ଷ ଟଙ୍କା ଲେଖାଏଁ ଜରିମାନା କରାଯାଇଥିବା ବେଳେ ପଥର ଉପରେ ୧୦ହଜାରରୁ ଅଧିକ ଚାଲାଣ କରାଯାଇଛି।

## ଲାୟନ୍ସ କ୍ଲବ ବାଲେଶ୍ୱର ଏମପାୱାର ପକ୍ଷରୁ ଖାଦ୍ୟ ବଣ୍ଟନ

ବାଲେଶ୍ୱର, ୧୩।୧(ସମିସ): ଲାୟନ୍ସ କ୍ଲବ ବାଲେଶ୍ୱର ଏମପାୱାର ପକ୍ଷରୁ କ୍ଷୁଧାର୍ତ୍ତ ସେବା ସପ୍ତାହ ଅବସରରେ ରବିବାର ବଣିଆ ମନ୍ଦିର ପରିସରରେ ଥିବା ପ୍ରୟାସ ଦୃଷ୍ଟିହୀନ ବିଦ୍ୟାଳୟରେ ଅନ୍ତେବାସୀ ମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଇଛି। ଲାୟନ୍ସ କ୍ଲବ ବାଲେଶ୍ୱର ଏମପାୱାର ସଭାପତି ରିତିକ ଜି, ନିର୍ଦ୍ଦେଶକ ତଥା କାଉନସିଲର ସେଖ ଆୟୁବ, ନିର୍ଦ୍ଦେଶକ ବିଶ୍ୱରୂପ ପରିଡ଼ା, ଅନ୍ୟତମ ନିର୍ଦ୍ଦେଶକ ସେଖ ତାରିକ୍ ପ୍ରମୁଖ ଉପସ୍ଥିତ ରହି ଅନ୍ତେବାସୀ ମାନଙ୍କୁ ବିଭିନ୍ନ ଖାଦ୍ୟ ପ୍ରଦାନ କରିଥିଲେ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ରେମୁଣା,୧୩।୧(ସମିସ): ରେମୁଣା ବ୍ଲକ ମୁଖୁରାଠାରେ ପ୍ରତିଷ୍ଠିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୨୭ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟବକ୍ତା ଭାବେ ରେମୁଣା ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ବଳରାମ ନାୟକ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ନୀତି ଓ ଆଦର୍ଶକୁ ଛାତ୍ରଛାତ୍ରୀ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା ପରିଚାଳନା କମିଟି ର ସଭାପତି ପ୍ରଭାତ କୁମାର ବିଶ୍ୱାଳ ଉତ୍ସବରେ ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ରେମୁଣା ପଂଚାୟତ ସମିତି ର ଚେୟାରମ୍ୟାନ ରାଜେନ୍ଦ୍ର ରାଉତ ବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥା ଓ ପରିଚାଳନା ଶୈଳୀକୁ ଉଚ୍ଚ ପ୍ରଶଂସା କାରିଥିଲେ। ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବେ ଇମାମି ପେପର ମିଲର ଏଜିଏମ ମନୋଜ ପାଢ଼ୀ, ଧୀରେନ୍ଦ୍ର ମହାପାତ୍ର ପ୍ରମୁଖ ଉଦବୋଧନ ଦେଇଥିଲେ। ଗୁରୁମା ମମତା ପତି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପରିଚାଳନା କମିଟିର ସଦସ୍ୟ ବିଶ୍ୱନାଥ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ୨୪ରୁ ଶ୍ରୀ ନିଗମାନନ୍ଦଙ୍କ ଭକ୍ତ ସମ୍ମିଳନୀ

ବାଲେଶ୍ୱର,୧୩।୧(ସମିସ): ଆସନ୍ତା ୨୪ରୁ ୨୬ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ବାଲେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଯାଉଛି ସ୍ୱାମୀ ଶ୍ରୀ ନିଗମାନନ୍ଦଙ୍କ ଭକ୍ତ ସମ୍ମିଳନୀ। ସହର ଉପକଣ୍ଠ କୁରୁଡା ଟାଟ ପଡିଆ ଠାରେ ଏହି ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ବିଶେଷ କରି ଏକ ଶୋଭାଯାତ୍ରା ସହ ସାଧାରଣ ଧର୍ମ ସଭା, ମହିଳା ସଭା, ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ଚକ୍ଷୁ ପରୀକ୍ଷା, ବୃକ୍ଷ ରୋପଣ, ଦରିଦ୍ର ନାରାୟଣ ସେବା, ଅଖଣ୍ଡ ନାମଯଜ୍ଞ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ । ଏହି ଉତ୍ସବରେ ଆସାମ ବଙ୍ଗୀୟ ସାରସ୍ୱତ ମଠର ମହନ୍ତ ଶ୍ରୀମଦ୍ ସ୍ୱାମୀ ଡ. ବ୍ରଜେଶନନ୍ଦ ସରସ୍ୱତୀ ମହାରାଜଙ୍କ ସମେତ ଅନେକ ସନ୍ୟାସୀ,ବ୍ରହ୍ମଚାରୀ ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ। ବିଜୟ ନନ୍ଦଙ୍କ ଅଧ୍ୟକ୍ଷତାରେ ଅରୁଣ ଚାଟାର୍ଜୀ, ଅମୀୟ ରଞ୍ଜନ ଦାସ, ମାନସ ରଞ୍ଜନ ଦାସ, ହରିଶ୍ଚନ୍ଦ୍ର ପାତ୍ର, ଗୋବିନ୍ଦ ଚନ୍ଦ୍ର ଓଝା, ଶ୍ରୀ ଭକ୍ତି ସାଧନ, ଶିରିଶ ଚନ୍ଦ୍ର ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।






## ସର୍ବଭାରତୀୟ ବେଳାଭୂମି ଟ୍ରେକିଂ କ୍ୟାମ୍ପ୍ ଉଦ୍‌ଯାପିତ

ବାଲେଶ୍ୱର,୧୩।୧(ସମିସ)

ଜାତୀୟସମର ଶିକ୍ଷାର୍ଥୀ ବାହିନୀ (ଏନସିସି) ର ଓଡିଶା ନିର୍ଦ୍ଦେଶାଳୟ ପକ୍ଷରୁ ବାଲେଶ୍ୱରରେ ଚାଲିଥିବା ୯ ଦିନିଆ ସର୍ବଭାରତୀୟ ଜାତୀୟ ବେଳାଭୂମୀ ଟ୍ରେକିଂ କ୍ୟାମ୍ପ ଉଦଯାପିତ ହୋଇଯାଇଛି। କଟକ ଏନସିସି ଗ୍ରୁପ ଅଧିନ ଭଦ୍ରକ ସ୍ଥିତ ଓଡିଶାର ଦ୍ୱିତୀୟ ନାଭାଲ ୱିଙ୍ଗ ଏନସିସି ୟୁନିଟ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି କ୍ୟାମ୍ପରେ ଏନସିସିର ୫ଟି ନିର୍ଦ୍ଦେଶାଳୟ ଅନ୍ତର୍ଗତ ହରିଆନା, ପଞ୍ଜାବ, ଉତର ପ୍ରଦେଶ, ପଶ୍ଚିମବଙ୍ଗ, ଓଡିଶା ଏବଂ ଉତର ପୂର୍ବର ୭ଟି ରାଜ୍ୟରୁ ଦୁଇଟି ଗ୍ରୁପରେ ୫୧୦ଜଣ କ୍ୟାଡେଟ ଅଂଶଗ୍ରହଣ କରିଥିଲେ। କ୍ୟାମ୍ପର ଶେଷ ଦିବସରେ ବାଲେଶ୍ୱର ସହରର ଟାଉନହଲ ଠାରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ୟାମ୍ପରେ ଯୋଗଦେଇଥିବା ଏନସିସି କ୍ୟାଡେଟମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ପୂର୍ବାଂଚଳ ଜୋନ ପୁଲିସ ଆରକ୍ଷୀ ଉପ-ମହାନିରୀକ୍ଷକ ପିନାକ ମିଶ୍ର ଏଥିରେ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଏନସିସି କ୍ୟାଡେଟ ଭାବେ ନିଜ ଛାତ୍ର ଜୀବନର ସ୍ମୃତି ବଖାଣିଥିଲେ। କଟକ ଗ୍ରୁପ କ୍ୟାପଟେନ କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ଉଦଯାପନୀ ଉତ୍ସବରେ ଯୋଗଦେଇ ସଫଳତାର ସହ ୯ ଦିନିଆ ଜାତୀୟ କ୍ୟାମ୍ପ ଆୟୋଜନ ପାଇଁ ଦ୍ୱିତୀୟ ଓଡିଶା ନାଭାଲ ୱିଙ୍ଗ ଏନସିସି ୟୁନିଟର କାମାଣ୍ଡିଂ ଅଫିସରଙ୍କ ସହ ସମସ୍ତ କର୍ମଚାରୀଙ୍କୁ ସାଧୁବାଦ ଜଣାଇଥିଲେ। ଦ୍ୱିତୀୟ ଓଡିଶା ନାଭାଲ ୱିଙ୍ଗ ଏନସିସି ୟୁନିଟର କମାଣ୍ଡିଂ ଅଫିସର କମାଣ୍ଡର ସୁଦୀପ କୁମାର ସାହୁ କାର୍ଯ୍ୟକ୍ରମରେ ପୌରହିତ୍ୱ କରିବା ସହିତ କ୍ୟାମ୍ପର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ୯ ଦିନ ମଧ୍ୟରେ କ୍ୟାଡେଟମାନେ ବାଲେଶ୍ୱର ଜିଲ୍ଲାର ଲୁକ୍କାୟିତ ଅବସ୍ଥାରେ ଥିବା ବିସ୍ତୀର୍ଣ୍ଣ ବେଳାଭୂମୀରେ ପର୍ଯ୍ୟାୟ କ୍ରମେ ୬୫ କିଲୋମିଟର ପର୍ଯ୍ୟନ୍ତ ଟ୍ରେକିଂ କରିଥିଲେ। ଅଂଶଗ୍ରହଣ କରିଥିବା ଏନସିସି ନିର୍ଦ୍ଦେଶାଳୟଗୁଡିକର ଶ୍ରେଷ୍ଠ ଆସିଷ୍ଟାଂଟ ଏନସିସି ଅଫିସର (ଏଏନଓ) ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ କ୍ୟାମ୍ପରେ ଅନୁଷ୍ଠିତ ବିବିନ୍ନ ପ୍ରତିଯୋଗତାର କୃତୀ କ୍ୟାଡେଟମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସିନିଅର ଅଣ୍ଡର ଅଫିସର ବିକ୍ରାନ୍ତ ଓ କ୍ୟାଡେଟ କରଣ ସିଂହ ମଞ୍ଚ ପରିଚାଳନା କରିଥିଲା।

# କୁଲଡିହା ଅଭୟାରଣ୍ୟରୁ ଶିକାର ରୋକିବାକୁ ସଚେତନତା

ନୀଳଗିରି,୧୩।୧(ସମିସ)



ଆଦିବାସୀ ଅଧ୍ୟୁଷିତ ନୀଳଗିରି ଉପଖଣ୍ଡରେ ଜନଜାତି ବନବାସୀଙ୍କ ମହାନପର୍ବ ମକରସଂକ୍ରାନ୍ତି ଉପଲକ୍ଷେ ପାରମ୍ପରିକ ଅବାଧ ପଶୁ ଶିକାରକୁ ରୋକ ଦେବାକୁ ପ୍ରତିବର୍ଷଭଳି ଚଳିତବର୍ଷ ମଧ୍ୟ ଅଭୟାରଣ୍ୟ ପାଦଦେଶରେ ବନବିଭାଗ ସ୍କ୍ୱାଡମାନଙ୍କ କରିବାସହିତ ପ୍ରତି ଗାଁରେ ଶିକାର ନ କରିବାକୁ ସଚେତନ କରାଯାଇଛି। ବାଲେଶ୍ୱର ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ନୀଳଗିରି କୁଲଡିହା ରେଞ୍ଜ ଅଧିକାରୀ ତଥା ଏସିଏଫ୍ ଓ ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ଅଭୟାରଣ୍ୟର ପ୍ରତି ଏଣ୍ଟି ପଏଣ୍ଟରେ ୧୦୦ରୁ ଅଧିକ ବନକର୍ମଚାରୀ ସ୍କ୍ୱାଡମାନଙ୍କ କରି ଜଙ୍ଗଲମଧ୍ୟକୁ ଶିକାରୀମାନେ ଯେପରି ପଶୁଶିକାର ଉଦ୍ଦେଶ୍ୟରେ ପ୍ରବେଶ ନ କରନ୍ତି ସେଥିପ୍ରତି ୨୪ଘଣ୍ଟିଆ ସଜାଗ ରହିଛନ୍ତି। ଏଥିସହିତ ଚଳିତବର୍ଷ ନୂଆକରି ଏ. ଆଇ କ୍ୟାମେରାର ସହଯୋଗ ନିଆଯାଉଥିବା ବେଳେ ଟ୍ରାପ କ୍ୟାମେରା, ଗାଁ ଗାଁ ବୁଲି ବିଭାଗ ତରଫରୁ ଶିକାର ନକରିବାକୁ ସଚେତନ କରାଯାଇଛି। ତେବେ ଆଦିବାସୀ ସମ୍ପ୍ରଦାୟର ଏହି ପାରମ୍ପରିକ ପ୍ରଥାପାଇଁ ହଜାର ହଜାର ନିର୍ବୀକ ପଶୁଙ୍କ ଶିକାର ରୋକିବାକୁ ବନବିଭାଗ ସଚେତନ ଥିବା ସୂଚନା ମିଳିଛି।

## ବାଲି ବୋଝେଇ ହାଇୱା ଜବତ

ସୋରୋ, ୧୩।୧ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରୁ ଏକ ବେଆଇନ ବାଲି ବୋଝେଇ ହାଇୱାକୁ ଜବତ କଲେ ସୋର ତହସିଲଦାର। ଆଜି ମଧ୍ୟାହ୍ନରେ ସୋର ତହସିଲଦାର ଦେବିରାଜ ମଲ୍ଲିକ ଏକ ଟିମ୍ ସହ ତଳନଗର ନିକଟରେ ଚଢ଼ଉ କରି ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ବାଲି ବୋଝେଇ କରି ଆସୁଥିବା ଗାଡି ଗୁଡିକର କାଗଜ ପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ ଉକ୍ତ ହାଇୱାଟି ବେଆଇନ ଭାବେ ବାଲି ଚାଲାଣ କରୁଥିବା ଜାଣିପାରି ଗାଡିକୁ ଜବତ କରି ତହସିଲ ପରିସରରେ ରଖିଛନ୍ତି।

## ଧାନମଣ୍ଡି ଉଦ୍‌ଘାଟିତ

ଭୋଗରାଇ,୧୩।୧(ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ଜୟରାମପୁର ଓ ସେବା ସମବାୟ ସମିତିର ଧାନ ମଣ୍ଡି ଉଦଘାଟିତ ସହିତ ଧାନ କ୍ରୟ ଆରମ୍ଭ ହୋଇଛି। ସମିତିର ସଭାପତି ପଙ୍କଜାକ୍ଷ ପଣ୍ଡା ଉକ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପରିଚାଳନା ପରିଷଦର ସଦସ୍ୟ ଅଶୋକ ସାମଲ, ସମ୍ପାଦକ ଓମ ପ୍ରକାଶ ଘୋଷ, ସହସମ୍ପାଦକ ଶିବଶଙ୍କର ଦେ, କର୍ମଚାରୀ ହିରଣ୍ମୟ ପାଣିଗ୍ରାହୀ, ରବୀନ୍ଦ୍ର ପାଳ, ରଶ୍ମିରେଖା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନୋଡାଲ ଅଫିସର ବ୍ଲକ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ଏହାର ତଦାରଖ କରିଥିବା ବେଳେ ଗିରିରାଜ ମିଲର ପ୍ରତିନିଧିମାନେ ଧାନ କ୍ରୟ କରିଥିଲେ। ପ୍ରଥମ ଦିନରେ ୩୦ ଜଣ ଚାଷୀଙ୍କଠାରୁ ଧାନ କ୍ରୟ କରାଯାଇଥିବା ବେଳେ ଧାନ କ୍ରୟ କମିଟିର ସଦସ୍ୟ ମାନଙ୍କ ସହିତ ବହୁ ଚାଷୀ ଉପସ୍ଥିତ ଥିଲେ।

## ଦେଢ଼ଶୁର ଆକ୍ରମଣରେ ଭାଇବୋହୂ ଗୁରୁତର

ସୋର, ୧୩।୧(ସମିସ): ସୋର ଥାନା ଚିଉଳ ଗ୍ରାମରେ ଗଛ କଟାକୁ କେନ୍ଦ୍ର କରି ଦେଢ଼ଶୁରଙ୍କ ଆକ୍ରମଣରେ ଭାଇବୋହୂ ଗୁରୁତର ଆହତ ହୋଇଛନ୍ତି। ଗ୍ରାମର ଅଭିରାମ ନାୟକଙ୍କ ସ୍ତ୍ରୀ ଅହଲ୍ୟା ନାୟକ ତାଙ୍କ ବାଡ଼ିରେ ଏକ ଆମ୍ବ ଗଛ ଲଗାଇଥିଲେ। କିନ୍ତୁ ଆମ୍ବ ଗଛ ଟିକୁ କେହି କାଟି ଦେଇଥିବାରୁ ଅହଲ୍ୟା ଗାଳି ଗୁଲଜ କରିଥିଲେ। ଫଳରେ ଏହାକୁ ଉରକ୍ଷିପ୍ତ ହୋଇ ଦେଢ଼ଶୁର ପ୍ରଫୁଲ୍ଲ ନାୟକ ଏବଂ ଶିଶିର ନାୟକ ଗତକାଲି ଅପରାହ୍ନରେ ବିଭିନ୍ନ ମରଣାସ୍ତ୍ର ସହ ଅହଲ୍ୟାଙ୍କ ଘର ମଧ୍ୟରେ ପଶି ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଅହଲ୍ୟାଙ୍କ ମୁଣ୍ଡ, ଗୋଡ଼, ଦେହରେ ଗଭୀର କ୍ଷତ ସୃଷ୍ଟି ହେବା ସହିତ ସେ ଗୁରୁତର ଆହତ ହୋଇଥିଲେ। ଏହା ଦେଖି ତାଙ୍କ ଝିଅ ବିରୋଧ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଖବରପାଇ ଅହଲ୍ୟାଙ୍କ ସ୍ୱାମୀ ଅଭିରାମ ଘରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ଚିକିତ୍ସିତ ହୋଇ ଫେରିବା ପରେ ଅହଲ୍ୟା ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଫକୀରମୋହନ ଜୟନ୍ତୀ ଓ ପରିଷଦର ବାର୍ଷିକ ଉତ୍ସବ



ବାଲେଶ୍ୱର,୧୩।୧(ସମିସ): କବିତୀର୍ଥ ଶାନ୍ତିକାନନରେ ୧୮୪ ତମ ଫକୀରମୋହନ ଜୟନ୍ତୀ ଓ ଫକୀରମୋହନ ସାହିତ୍ୟ ପରିଷଦର ୭୯ ତମ ବାର୍ଷିକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସଦର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ସୁବାସିନୀ ଜେନା, ପୌରପାଳିକାର ଅଧ୍ୟକ୍ଷା ସବିତା ସାହୁ ଓ ବିଶିଷ୍ଟ ସ୍ତମ୍ଭକାର ଶ୍ରୀକାନ୍ତ ଚାଟାର୍ଜୀ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ସର୍ବଭାରତୀୟ କ୍ଷେତ୍ରରେ ଫକୀର ମୋହନଙ୍କ ଗଦ୍ୟ ସାହିତ୍ୟ ଭାଷା ସଙ୍କଟ ସମୟରେ ସେନାପତି କର୍ତ୍ତବ୍ୟ ଓ ଓଡ଼ିଆ ଜାତୀୟତାବାଦରେ ତାଙ୍କର ସଙ୍କଟମୋଚନ ଭୂମିକା ଓଡ଼ିଆ ଜାତିପାଇଁ ସଦା ଅବିସ୍ମରଣୀୟ ବୋଲି ପ୍ରକାଶ କରିଥିଲେ। ଉକ୍ତ ସଭାରେ ସାହିତ୍ୟ ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ପୌରୋହିତ୍ୟ କରିଥିବାବେଳେ ସମ୍ପାଦକ ଡ. ରତ୍ନାକର ସିଂହ ପ୍ରାକ କଥନ ରଖିଥିଲେ। ଯୁଗ୍ମ ସମ୍ପାଦକ ରାଜେଶ ଗିରି ମଞ୍ଚ ଆହ୍ୱାନ କରିଥିବା ବେଳେ ଅତିଥି ପରିଚୟ ପ୍ରାକ୍ତନ ସଭାପତି ଡ.ଶିରୀଶ ଚନ୍ଦ୍ର ଜେନା ଏବଂ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଡ. ଅଲେଖ ଚନ୍ଦ୍ର ପଢ଼ିଆରୀ ଏହି କବିତା ମହାକୁମ୍ଭକୁ ଉଦଘାଟନ କରିଥିଲେ। ଡ. ରାଧାରଂଜନ ପଟ୍ଟନାୟକ ବରେଣ୍ୟ ଅତିଥି ରୂପେ କବିତାର ଭାବଧର୍ମ ସମ୍ପର୍କରେ ଆଲୋଚନା ରଖିଥିଲେ। ଉପସଭାପତି ଅଞ୍ଜଳି ପଣ୍ଡାଙ୍କ ପୌରୋହିତ୍ୟରେ ସଭାରେ କବି ରଂଜନ ବାଗ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। କବି ମଧୁସୂଦନ ମିଶ୍ର ଓ ଡ.ମମତା ସାହୁଙ୍କ ସଂଯୋଜନାରେ ବାଲେଶ୍ୱର ବାହାର ଅଞ୍ଚଳରୁ ୨୫ନିମନ୍ତ୍ରିତ ଅତିଥି କବିଙ୍କ ସମେତ ୮୦ରୁ ଅଧିକ କବି କବିତା ପାଠ କରିଥିଲେ।

## ବିପଦପୂର୍ଣ୍ଣ ପୋଖରୀ ସଫେଇ କାମରେ ସ୍କୁଲ ପିଲା

ଜଳେଶ୍ୱର ବ୍ଲକ, ୧୩।୧(ସମିସ) : ରାଜ୍ୟ ସରକାର ପିଲା ମାନଙ୍କର ଉଜ୍ଜଳ ଭବିଷ୍ୟତ ଗଢ଼ିବା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି ଓ ସେମାନଙ୍କ ପାଠ ପଢାରେ ଯେମିତି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି। ଆଗକୁ ପିଲାଙ୍କ ଟେଷ୍ଟ ପରୀକ୍ଷା ଥିବା ସତ୍ତ୍ୱେ ଜଳେଶ୍ୱର ବ୍ଲକ ଚମାରଗାଁ ଗ୍ରାମ ପଞ୍ଚାୟତର ନୀଳଚକ୍ର ଉଚ୍ଚ ବିଦ୍ୟାଳୟ ଭଣ୍ଡାରପୋଲିରେ ପାଠ ପଢା ଛାଡ଼ି ପିଲାଙ୍କୁ ସ୍କୁଲ ପରିସରରେ ଥିବା ବିପଦପୂର୍ଣ୍ଣ ପୋଖରୀ ମଧ୍ୟରେ ପଙ୍କ, ଆବର୍ଜନା ସଫାକରିବା ପାଇଁ ସ୍କୁଲର ପ୍ରଧାନଶିକ୍ଷକ ପ୍ରଶାନ୍ତ ମୁର୍ମୁ ଲଗାଇଛନ୍ତି । ଗତ ଦୁଇ ଦିନ ପୂର୍ବରୁ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଜଣେ ଦଶମ ଶ୍ରେଣୀର ଜଣେ ଛାତ୍ରୀଙ୍କୁ ଖରାପ ମନ୍ତବ୍ୟ ଦେଇଥିବାରୁ ଅଭିଭାବକ ମାନେ କ୍ଷୁବ୍ଧ ହୋଇଥିବା ବେଳେ ପୁଣି ଛାତ୍ର ଛାତ୍ରୀଙ୍କୁ ବିଦ୍ୟାଳୟରେ ସଫେଇ କର୍ମଚାରୀ ସାଙ୍ଗକୁ ରାତ୍ରୀ ଜଗୁଆଳୀ ଥିବା



ସତ୍ତ୍ୱେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରିବାକୁ ଗ୍ରାମବାସୀ ଓ ଅଭିଭାବକ ଦୃଢ଼ ନିନ୍ଦା କରିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

## ଶ୍ରଦ୍ଧାପୁର ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

ଚନ୍ଦନେଶ୍ୱର,୧୩।୧(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇର ଶ୍ରଦ୍ଧାପୁର ଗ୍ରାମପଞ୍ଚାୟତରେ ଅବସ୍ଥିତ ଶ୍ରଦ୍ଧାପୁର ସେବା ସମବାୟ ସମତିରେ ମଙ୍ଗଳବାର ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ସେବା ସମବାୟ ସମିତିର ସଭାପତି ଗୁଣାକର ମାଝି ନଡ଼ିଆ ବାଡେଇ ଆନୁଷ୍ଠାନିକ ଭାବେ ସରକାରୀ ଧାନ ମଣ୍ଡି ଉଦଘାଟନ କରିଥିଲେ। ଏନେଇ ଆୟୋଜିତ ଉଦଘାଟନୀ ସଭାରେ କାନ୍ଥଭଉଁରୀ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଶ୍ରୀହରି ଜେନା, ସଦସ୍ୟ ପ୍ରଦୀପ କୁମାର ଦାସ, ଶ୍ରଦ୍ଧାପୁର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ କୁମାର ପାତ୍ର, ସଦସ୍ୟାଙ୍କ ପ୍ରତିନିଧି ଗୌରହରି ମଣ୍ଡଳ, ବିଚିତ୍ରପୁର ରାଜସ୍ୱ ନିରୀକ୍ଷକ ବିଷ୍ଣୁପଦ ଗିରି, ଆରଏମସିର କ୍ୱାଲିଟି ଏନାଲିସିଷ୍ଟ ଅଫିସର ହରପ୍ରସନ୍ନ ଦେ, ସେବା ସମବାୟ ସମିତିର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି, ନିର୍ଦ୍ଦେଶକ ବଳରାମ ପାତ୍ର, ସୁଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ହୋଇ ଚାଷୀଙ୍କ ପାଖରୁ କିପରି ଶୃଙ୍ଖଳାରେ ଧାନ ଦେବେ ଓ ସମିତି ତରଫରୁ କେମିତି ନିଆ ଯାଇପାରିବ ସେ ନେଇ ଆଲୋଚନା କରିଥିଲେ। ନିର୍ଦ୍ଦେଶକ ଜଗନ୍ନାଥ ପାତ୍ର, ବନମାଳୀ ବେହେରା, ବ୍ରଜ କିଶୋର ପାତ୍ର, ମମତା ଭୋଳ, ଅଜିତ କୁମାର ପାତ୍ର, କୃଷକ ସାଥୀ ଦୀପକ କୁମାର ଭଞ୍ଜ, ଚାଷୀ ନନୀ ଗୋପାଳ ନାୟକ, ହେମନ୍ତ ଭୂୟାଁ, ଅନନ୍ତ କୁମାର ମାଝୀ, ବସନ୍ତ ଭଞ୍ଜ, ତାପସ ରଞ୍ଜନ ଦେ, ଧ୍ରୁବ ଚରଣ ପ୍ରଧାନ ସହ ସମ୍ପାଦକ ଓମପ୍ରକାଶ ନାୟକ, କୋଷାଧକ୍ଷ ଶିବଶଙ୍କର ପ୍ରଧାନ, ଲେଜର କ୍ଲର୍କ ନନିଗୋପାଳ ମହାନ୍ତି, ଧରଣିକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ସମିତିରୁ ଚାଷୀମାନଙ୍କ ଠାରୁ ୧ହଜାର କ୍ୱିଣ୍ଟାଲ ଧାନ ଉଠାଣର ଟାର୍ଗେଟ ଆସିଛି। ସେବା ସମବାୟ ସମିତିର ଉପସଭାନେତ୍ରୀ ସୁଷମା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳେଶ୍ୱରରେ ହିନ୍ଦୁ ସମ୍ମିଳନୀ

ଜଳେଶ୍ୱର, ୧୩। ୧ (ସମିସ): ହିନ୍ଦୁ ଜାଗରଣର ଦିଗକୁ ନୂତନ ଶକ୍ତି ଏବଂ ଚେତନା ପ୍ରଦାନ କରିବା ପାଇଁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତରଫରୁ ଏକ ହିନ୍ଦୁ ସମ୍ମିଳନୀ ଜଳେଶ୍ୱର ଇସ୍କନ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ଗିରି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଇସ୍କନ ଜଗନ୍ନାଥ ମନ୍ଦିରର ମୁଖ୍ୟ ଓ ଓଡିଶା ଇସ୍କନ ପ୍ରଚାରକ ପୂଜ୍ୟପାଦ ହେମହରୀପଦ ଦାସ ବ୍ରହ୍ମଚାରୀ ଯୋଗଦେଇ ସନାତନୀ ଏକତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ରଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସହ ବିଭାଗ କାର୍ଯ୍ୟବାହ ବରୁଣ ରଣଛୋର ଯୋଗଦେଇ ସଂଘର ଶହେ ବର୍ଷ ପୂର୍ତି ଅବସରରେ ସନାତନୀ ଓ ହିନ୍ଦୁ ଜାତିର ଏକତା ରକ୍ଷା କରିବା ସହିତ ସମସ୍ତେ ମିଶି ସମର୍ଥ ଭାରତ ତିଆରି କରିବାର ଆହ୍ୱାନ ଦେଇଥିଲେ। ସଭା ପ୍ରାରମ୍ଭରେ ଶିକ୍ଷକ ଶିବପ୍ରସାଦ ଭୂୟାଁ ଅତିଥି ମାନଙ୍କୁ ମଂଚ ଆହ୍ୱାନ ଓ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କପିଳେଶ୍ୱର ମହାନ୍ତି, ବନମାଳି ଧଳ, ସମୀର ପାତ୍ର, ରାଜେଶ ଖଟୁଆ, ପ୍ରଣବ ପଣ୍ଡା, ଶୁଭ୍ରାଂଶୁ ଦାସ ମହାପାତ୍ର, ଅଜିତ ବେଜ, ସମର କରଣ, କୁମାର ସତ୍ୟଜିତ ବେଜ, ସତ୍ୟ ରଂଜନ ପରିଡା, ସୁମିତ ରାଠୀ, ରାଧାଶ୍ୟାମ ଦାସ, ବିନୋଦ ଦତ୍ତ, ରବିନ୍ଦ୍ର ପାତ୍ର ପ୍ରମୁଖ ବହୁ ସଦସ୍ୟ ଯୋଗଦେଇଥିଲେ।



## ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ନୀଳଗିରି,୧୩।୧(ସମିସ): ନୀଳଗିରି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ନୀଳଗିରି ଉପଜିଲ୍ଲାପାଳ ତଥା ଜାତୀୟ ଦିବସ ପାଳନ କମିଟିର ଅଧ୍ୟକ୍ଷ ଶୁଭଶ୍ରୀ ରଥଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନୀଳଗିରି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ଗୃହରେ ଉପସ୍ଥିତ ପାଳନ କମିଟିର ସଦସ୍ୟ/ ସଦସ୍ୟାଙ୍କୁ ଅଭିନନ୍ଦନ ଜଣାଇବାସହ ଜାତୀୟଦିବସ ପାଳନ ସଂପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ପରେ ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ ଶ୍ରୀମତୀ ରଥ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସଙ୍ଗେସଙ୍ଗେ ବିଗତବର୍ଷର ବିବରଣୀ ଅନୁଯାୟୀ ଆଲେଚନା, ପରାମର୍ଶ ଏବଂ ମତାମତ କାମନା କରିଥିଲେ। ଚଳିତବର୍ଷ ମଧ୍ୟ ପ୍ରତିବର୍ଷ ଭଳି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରତ୍ୟୁଷ ଘ. ୪ଟୀକା ସମୟରେ ସହରାଞ୍ଚଳରେ ରାମଧୂନ୍ ପ୍ରଚାର କରାଯିବ। ଏହି ଜାତୀୟ ଦିବସ ପାଳନ ପରିପ୍ରେକ୍ଷୀରେ ନୀଳଗିରି ଏନ୍. ଏ. ସି ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକର ଛାତ୍ରଛାତ୍ରୀମାନଙ୍କୁ ନେଇ ପ୍ରଭାତଫେରି ସକାଳ ଘ. ୬ଟୀକାରୁ ୭ଘଟିକା ମଧ୍ୟରେ କରାଯିବାପାଇଁ ସ୍ଥିର କରାଯିବା ସହ ୭.୩୦ଟୀକା ମଧ୍ୟରେ ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ, ବାସଗୃହ ମାନଙ୍କରେ ପତାକାଉତ୍ତୋଳନ ନିମନ୍ତେ ବୈଠକରେ ସ୍ଥିର କରାଗଲା। ଜାତୀୟଦିବସ ପାଳନର ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଆନୁଷ୍ଠାନିକ ଭାବେ ଜାତୀୟ ପତାକାକୁ ୮.୩୦ମିରେ ଉତ୍ତୋଳନ କରି ସମବେତ ଜନତାଙ୍କୁ ଉଦବୋଧନ ଦେବେ। ଏହି ଦିବସ ପାଳନ ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ସିଭିଲିଆନ୍ ଓ ନନ ସିଭିଲିଆନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସ୍ଥିର କରାଯାଇଛି। ଏଥିସହିତ ୪ଟି ସ୍ତରରେ ଦେଶାବୋଧକ ସଙ୍ଗୀତ,ତର୍କ, ବକ୍ତୃତା,କୁଇଜ୍ ଆଦି ପ୍ରତିଯୋଗୀତା କରାଯାଇ ପୁରସ୍କୃତ କରାଯିବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ ନୀଳଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକ୍ଷ ମହେନ୍ଦ୍ରନାଥ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଥିଲେ।

## ଜାତୀୟ ଯୁବ ଦିବସ 'ଉତ୍ସବ -୨୦୨୬' ଉଦ୍‌ଘାଟିତ



ସୋର, ୧୩।୧ (ସମିସ): ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ପକ୍ଷରୁ ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ୨୯ ତମ ଜାତୀୟ ଯୁବ ଦିବସ ଉତ୍ସବ -୨୦୨୬ ସୋର ପୌରପାଳିକାସ୍ଥ ଚକବାରାହାପୁର ଖେଳ ପଡିଆରେ ଉଦଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ପାଞ୍ଚ ଦିନ ଧରି ହେବାକୁ ଥିବା ବେଳେ ସକାଳେ ୮୦୦ ରୁ ଉର୍ଦ୍ଧ ପ୍ରତିଯୋଗୀଙ୍କୁ ନେଇ ଏକ ସ୍ୱଦେଶୀ ଗଣ ଦୌଡ ଆୟୋଜିତ ହୋଇଥିଲା। ଏହାକୁ ସୋରର ପ୍ରାକ୍ତନ ବିଧାୟକ ପର୍ଶୁରାମ ଧଡା ଶୁଭାରମ୍ଭ କରିଥିଲେ। ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଂଜନ ପ୍ରଧାନ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ମୁଖ୍ୟ ବକ୍ତା ଭାବେ ଭୁବନେଶ୍ୱର ରାମକୃଷ୍ଣ ମିଶନର ସହ ସମ୍ପାଦକ ସ୍ୱାମୀ ମହେଶାୀନନ୍ଦଙ୍କ ସହ ସ୍ୱତନ୍ତ୍ର ଅତିଥି ରୂପେ ମାଇଁ ଭାରତ ବାଲେଶ୍ୱର ଶାଖାର କୋଷାଧ୍ୟକ୍ଷ ଅମିରନ ରାଉତ୍ ଓ ଡାକ୍ତର ସୌରଭ ନାରାୟଣ ନନ୍ଦ, ସମ୍ମାନିତ ଅତିଥି ଭାବେ ପାରିଷଦ ନିଶାକର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିବେକାନନ୍ଦ ଙ୍କ ଜୀବନୀ ,ଆଦର୍ଶ ଉପରେ ନିଜର ବକ୍ତବ୍ୟ ରଖିବା ସହିତ ବିକଶିତ ଭାରତ ଗଠନ ପାଇଁ ଯୁବ ପିଢ଼ି ମାନକୁ ଉତ୍ସାହିତ କରିଥିଲେ। ଯୁବକ ସଂଘ ର ସଭାପତି କମଳ ଲୋଚନ ବାରିକ ମଞ୍ଚରେ ସଭାପତିତ୍ୱ କରିବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ କୋଷାଧ୍ୟକ୍ଷ ବିଶ୍ୱରଂଜନ ସାହୁ। ଏହି ଅବସରରେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ତର୍କ ବିଭାଗରେ କୃତି ପ୍ରତିଯୋଗୀମାନଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଯୁବକ ସଂଘର ଉପସଭାପତି ପତିତପାବନ ମହାପାତ୍ର, ସମ୍ପାଦକ ସରୋଜ ବିଶ୍ୱାଳ, ସହ ସମ୍ପାଦକ ଜ୍ୟୋତି ରଞ୍ଜନ ବାରିକ, ଜ୍ୟୋତିରଂଜନ ସାହୁ, ସ୍ଲୋଗାନ ଦାସ , ପ୍ରଭୁଜ୍ୟୋତି ମହାନ୍ତି, ଦିବାକର ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ପାଣିରେ ବୁଡ଼ି ଜଣେ ମୃତ

ଭୋଗରାଇ,୧୩।୧(ସମିସ): ଭୋଗରାଇ ବ୍ଲକ ଗୁନେଇବସାଣ ପଞ୍ଚାୟତ ସେହି ଗ୍ରାମର ସ୍ୱର୍ଗତ ଉମାକାନ୍ତ ସାମଲର ପୁଅ ଲକ୍ଷ୍ମଣ ସାମଲ(୫୫) ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଲକ୍ଷ୍ମଣ ଗତ ସୋମବାର ଚାଷକାର୍ଯ୍ୟ ପାଇଁ ଜମିକୁ ଯାଇଥିଲା ବେଳେ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଙ୍ଗଳବାର ଅପରାହ୍ନ ସମୟରେ ବିଲ ନିକଟ ଏକ ପୋଖରୀରେ ଲକ୍ଷ୍ମଣ ଭାସୁଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ଉଦ୍ଧାର କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଆସିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭୋଗରାଇ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରାଜଘାଟ, ୧୩।୧ (ସମିସ): ବସ୍ତା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନ ବସନ୍ତପୁର କଷ୍ଟର ଅନ୍ତର୍ଗତ ଅମର୍ଦ୍ଦାରୋଡସ୍ଥିତ ସିଦ୍ଧେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ୬୪ତମ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ରାଜେଶ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ସ୍ଥାନୀୟ ସରପଞ୍ଚ ବନ୍ଦନା ସେଠୀ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ସିଆରସିସି ଗଣେଶ ଚନ୍ଦ୍ର ଜେନା, ବିଶିଷ୍ଟ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶୁଭ୍ରାଂଶୁ ଶେଖର ପଣ୍ଡା, ସମ୍ମାନନୀୟ ଅତିଥି ଅବସରପ୍ରାପ୍ତ ଶିକ୍ଷକ ପ୍ରାଣକୃଷ୍ଣ ମହାନ୍ତି ପ୍ରମୁଖ ମଞ୍ଚାସୀନ ରହି ଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ସେଠୀ ବାର୍ଷିକ ବିବରଣୀ ପାଠ, ସଂସ୍କୃତ ଶିକ୍ଷକ ହୃଷୀକେଶ ଜେନା ମଞ୍ଚ ଆମନ୍ତ୍ରଣ ଏବଂ ଶିକ୍ଷୟିତ୍ରୀ ଉଷାରାଣୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରସନ୍ନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାମୀ ବିବେକାନନ୍ଦ ଜୟନ୍ତୀ

ଭୋଗରାଇ, ୧୩।୧(ସମିସ) : ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତ ସେହି ଗ୍ରାମରେ ଥିବା ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୪ ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଗୁରୁଜି ଉତ୍ତମ କୁମାର ଦତ୍ତଙ୍କ ସଭାପତିତ୍ୱ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ତଥା ଶିକ୍ଷା କେନ୍ଦ୍ରର ସଭାପତି ସୁଶାନ୍ତ ମହାନ୍ତି, ମୁଖ୍ୟ ବକ୍ତା ଶିକ୍ଷା କେନ୍ଦ୍ରର ସମ୍ପାଦକ ଜୟନ୍ତ ତୋଳା ଯୋଗଦେଇ ଥିଲେ। ଶେଷରେ ଗୁରୁମା ବନ୍ଦନା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷା କେନ୍ଦ୍ରର ଗୁରୁମା ମମିତା ମଣ୍ଡଳ, ମମିତା ବେହେରା, ସନ୍ଧ୍ୟାରାଣୀ ପରିଡ଼ା, ରଶ୍ମିତା ପାତ୍ର, ଭବାନି ପରାମାଣିକ ଉପସ୍ଥିତ ଥିଲେ।

## ଝଲସିଲାଣି ପ୍ରସିଦ୍ଧ କୁପାରୀ ମୁନୀ ମେଳା

ଖଇରା,୧୩।୧ (ସମିସ)



ରାତି ପାହିଲେ ବାଲେଶ୍ୱର ଜିଲା ଖଇରା ବ୍ଲକର କୁପାରୀର ପ୍ରସିଦ୍ଧ କପିଳ ମୁନି ମେଳା ୮୯ ବର୍ଷରେ ପଦାର୍ପଣ କରିଥିବା ବେଳେ ଏବେଠାରୁ କୁପାରୀ ଚଳଚଞ୍ଚଳ ହୋଇ ଉଠିଲାଣି। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଆଲୋକସଜ୍ଜାରେ କୁପାରୀ ଝଲସି ଉଠୁଛି। ମେଳା ଯଜ୍ଞ ଓ ମହୋତ୍ସବ କୁ କିଭଳି ଶାନ୍ତି ଶୃଙ୍ଖଳର ଆୟୋଜନ କରାଯାଇ ପାରିବ ସେଥିପାଇଁ କମିଟି କର୍ମକର୍ତ୍ତା ଦିନରାତି ଏକ କରି ଦେଇଛନ୍ତି। ୧୫ତାରିଖରେ ପ୍ରବଚନ, ୧୬ଓ ୧୭ ତାରିଖ୨ଦିନ ଧରି ପାଲା,୧୮ ଓ ୧୯ ତାରିଖ ଦୁଇ ଦିନ ଧରି ସ୍ଥାନୀୟ କଳାକାର ମାନେ ନିଜର ପ୍ରତିଭା ଦେଖାଇବେ। ପରେ ଦର୍ଶକ ମାନେ ୨୦ରୁ ୨୨ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ମହୋତ୍ସବର ମଜା ନେବେ। ସେହିଭଳି ଆକର୍ଷଣର କେନ୍ଦ୍ରବିନ୍ଦୁ ଭାବେ ଭକ୍ତମାନେ ଜଗନ୍ନାଥଙ୍କ ୩୨ ବେଶ ଦର୍ଶନ କରିବେ। ମେଳା ଆରମ୍ଭ ସମ୍ପର୍କରେ ଥିବା ପ୍ରବାଦ ଅନୁଯାୟୀ ସ୍ୱାଧିନତା ପୂର୍ବରୁ କୁପାରୀ ୩ ଶାସକ ଙ୍କ ଅଧୀନରେ ଥିଲା। ଗୋଟିଏ ଅଂଶ ନିଳଗିରି ଗଡଯାତ ରାଜାଙ୍କ ଅଧୀନରେ ଥିବା ଅନ୍ୟ ଏକ ଅଂଶ ଶାସକ ରତ୍ନାକର ବାବୁଙ୍କ କଚେରୀ ଅଧୀନରେ ଏବଂ ଅନ୍ୟଏକ ଭାଗ ଖାସମାହାଲ ଶାସକଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ଘଟଣାକ୍ରମେ ୧୯୩୭ ମସିହାରେ ଡାହି ଡିଶଳପୁର ଗ୍ରାମର ଜଣେ ସଂମ୍ରାନ୍ତ ବ୍ୟକ୍ତି ବିବାଦୀୟ ମାମଲାରେ ଜଡିତ ହେବା ପରେ ମିମାଂଶା ପରେ ତାଙ୍କ ନିକଟରୁ ୩ଶହ ଟଙ୍କା ଆଦାୟ କରାଯାଇଥିଲା। ଖାସମାହାଲ ଅଧିନରେ ଥିବା ଯାଗା(ବର୍ତ୍ତମାନର ମେଳାସ୍ଥାନ)ରେ ମକର ମେଳା ଆରମ୍ଭ ପାଇଁ ତତ୍କାଳୀନ ତହସିଲଦାର ନାରାୟଣ ଲେଙ୍କାଙ୍କ ପ୍ରଚେଷ୍ଟାରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ତାଙ୍କୁ ଦିବଂଗତ ବନମାଳୀ ମହାପାତ୍ର, ସଚ୍ଚିଦାନନ୍ଦ ମହାପାତ୍ର, ହାଡିବନ୍ଧୁ ଜେନା, ଭୋଗିରାମ ମୁଖି ତଥା ଅମ୍ବିକା ଆଶ୍ରମର ପ୍ରତିଷ୍ଠାତା ଦିବଇଗତ ବାବା ଓମକାର ମୁନୀ ଉଦାସୀନଙ୍କ ସମେତ ଆହୁରି ଅନେକ ବ୍ୟକ୍ତି ମେଳା ଆରମ୍ଭ ଓ ବୃଦ୍ଧିରେ ସହଯୋଗ କରିଥିଲେ। ନିଜେ ତହସିଲଦାର ଗଙ୍ଗାସାଗରରୁ ମାଟି ଆଣିବା ପରେ ଟିକିରା ପ୍ରତିଷ୍ଠାକରି କପିଳମୁନୀଙ୍କ ମାଟି ମୂର୍ତ୍ତି ରଖି ମିମାଂସାରୁ ଏବଂ ବିଭିନ୍ନ ଗ୍ରାମରୁ ସଂଗୃହିତ ଅର୍ଥରେ ପୂଜା ହୋଇଥିଲା। ପ୍ରଥମେ ଏହା ଗଡପୋଖରୀ ପଞ୍ଚାୟତ ଅଧୀନରେ ଥିବା ବେଳେ ପରେ କୁପାରୀ ପାଠାଗାର ଅଧୀନକୁ ଆସିଥିଲା ଏବଂ ତା ପରେ ଗ୍ରାମ କମିଟିକୁ ହସ୍ତାନ୍ତର କରାଯାଇଥିଲା। ଏବେ ମେଳାର କଳେବର ଯଥେଷ୍ଟ ବଢିଯାଇଥିବା ବେଳେ ଅମ୍ବିକା ଆଶ୍ରମର ସଂଚାଳକ ଶୁଭେନ୍ଦୁ ମୁନୀଙ୍କ ପ୍ରେରଣାରେ ଏବଂ ଚଳିତ ବର୍ଷ ବିଧାୟକ ପଦ୍ମଲୋଚନ ପଣ୍ଡା, ସ୍ଥାନୀୟ ଜିଲା ପରିଷଦ ତଥା କମିଟି ସମ୍ପାଦକ ଗଜେନ୍ଦ୍ର ପ୍ରସାଦ ଦାସ ଓ ପୂର୍ବତନ ବ୍ଲକ ଉପାଧକ୍ଷ ଜୟନ୍ତ ରାଉତ, କମିଟି ସଭାପତି ବାସୁଦେବ ପଣ୍ଡା, କୋଷାଧକ୍ଷ ବିଜୟକୃଷ୍ଣ ମହାପାତ୍ର ତଥା ସମସ୍ତ କମିଟି ସଭ୍ୟ ଏବଂ କୁପାରୀ ଗ୍ରାମବାସୀଙ୍କ ସହଯୋଗରେ ମେଳାକୁ ଆକର୍ଷିତ କରିବାକୁ ପ୍ରୟାସ ଜାରି ରହିଛି।

## ରାଷ୍ଟ୍ର ମୁକ୍ତ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ସଚେତନତା କ୍ୟାମ୍ପ୍

ବାଲିଆପାଳ, ୧୩।୧ (ସମିସ): ଏହି ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରମୁକ୍ତ ବିଦ୍ୟାଳୟ ଏବଂ ରାଜ୍ୟମୁକ୍ତ ବିଦ୍ୟାଳୟରେ ଏଡ଼ିସନ ଏବଂ ସଚେତନତା ସୃଷ୍ଟି ପାଇଁ ଏକ ମେଗା କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନାଙ୍କ ସଭାପତିତ୍ୱ କରିଥିଲେ। ଏହି ସଭାରେ ବାଲିଆପାଳ ବିଡିଓ ରାଧାରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନମିତା ପ୍ରଭା ସାମଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିବେକାନନ୍ଦ ଜେନା ଏବଂ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ଜେନା ଉପସ୍ଥିତ ରହି ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ,ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀମାନଙ୍କୁ ମୁକ୍ତ ବିଦ୍ୟାଳୟର ସୁବିଧାସୁଯୋଗ ପ୍ରବେଶ ପ୍ରକ୍ରିୟା ଓ ପରୀକ୍ଷା ପ୍ରଣାଳୀ ଆଦି ବିଷୟରେ ଅବଗତ କରାଇଥିଲେ। ସହକାରୀ ଶିକ୍ଷୟିତ୍ରୀ ମାନସୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କୁରୁଣ୍ଟା ଦୋଳ ମହୋତ୍ସବ ନେଇ ପ୍ରସ୍ତୁତି ବୈଠକ

ଖଇରା, ୧୩।୧ (ସମିସ): ଖଇରା ବ୍ଲକ କୁରୁଣ୍ଟାଠାରେ ଦ୍ୱିତୀୟତମ ଦୋଳ ମହୋତ୍ସବ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବର ସଭାପତି ମାନସ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ମହୋତ୍ସବ ଆସନ୍ତା ମାର୍ଚ୍ଚ ମାସ ୪ରୁ ୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା । ମହୋତ୍ସବ ର ସଂମ୍ପାଦକ ଲମ୍ବୋଧର ବେହେରା, କୋଶାଧକ୍ଷ ଜ୍ୟୋତି ରଞ୍ଜନ ପାଢ଼ୀ, କୁରୁଣ୍ଟା ସରପଞ୍ଚ ରଘୁନାଥ ଜେନା ଉପସ୍ଥିତ ରହି ମହୋତ୍ସବ ନେଇ ଆଲୋଚନା କରିଥିଲେ । ଏଥିରେ ମହୋତ୍ସବର ସଭ୍ୟ ଦୀପକ ପଣ୍ଡା, ପ୍ରକାଶ ବେହେରା, ରବିନ୍ଦ୍ର ବେହେରା, ଦୟାନିଧି ବେହେରା, ବିଦ୍ୟାଧର ଦାସ, ଯଦୁନାଥ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

